# Akashvani, Sambalpur

## SAMBALPURI NEWS BULLETIN

### 12 October 2024- 6.47- 6.52 am.

************************************************

ଦୁର୍ଗାପୂଜା ଆର୍‌ଏନ୍‌ୟୁ / ସମ୍ବଲପୁର

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନ ଗହକି ଲାଗିଛେ । ଶକ୍ତିପୀଠ ମାନ୍‌କେ ଆଏଜ୍ ଦଶ୍‌ମୀ ପୂଜା ହେଉଥିବାର୍ ବେଲେ ପୂଜାମଣ୍ଡପ୍‌ମାନ୍‌କୁ ଦେବୀଙ୍କର୍ ନଅମୀ ପୂଜା କରାଯାଉଛେ । ମନ୍ଦିର୍ ଆର୍ ପୂଜା ମଣ୍ଡପ୍ ମାନ୍ ସୁନ୍ଦର୍ ସାଜ୍‌ସଜା ଆର୍ ଆଲୋକମାଳାଥି ଝଲ୍‌ସୁଛେ ।

ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ବଲାଙ୍ଗିର୍, ଝାର୍‌ସୁଗୁଡ଼ା, ବର୍‌ଗଡ୍ , ନୂଆପଡ଼ା, କଲାହାଣ୍ଡି, ସୁବର୍ଣ୍ଣପୁର୍, ବୌଦ୍ଧ, ଦେବ୍‌ଗଡ୍ ଜିଲ୍ଲା ନ ଥିବାର୍ ଶକ୍ତିପୀଠ ଆର୍ ପୂଜା ମଣ୍ଡପ୍ ନ ଷୋଡ଼ଶ ଉପଚାର୍‌ଥି ମା'ଙ୍କୁ ପୂଜା କରାଯାଉଛେ । ଆଏଜ୍ ଦଶ୍‌ରା ଲାଗି ସମ୍‌ଲେଇ ଗୁଡ଼ି ନ ମା'ଙ୍କର୍ ସ୍ୱତନ୍ତ୍ର ନୀତିକାନ୍ତିଥି ପୂଜା ଚାଲିଛେ । ସୁରେଶ୍ୱରୀ, ପାଟଣେଶ୍ୱରୀ, ମାଣିକେଶ୍ୱରୀ, ଭୈରବୀ,

ରାମଚଣ୍ଡି, ମାହେଶ୍ୱରୀଙ୍କର୍ ସହେତେ ଦେବୀ ପୀଠମାନ୍‌କେ ରୀତିନୀତି ଅନ୍‌ସାରେ ପୂଜା ଚାଲିଛେ ।
ଇନ ଜନେଇ ଦିଆଯାଇପାରେ ଯେ, ଦଶ୍‌ରା ମାସର୍ ଉଜଲ୍ ପଖର୍ ପ୍ରତିପଦା ତିଥିନୁ ଜଗତ୍‌ଜନନୀ ମା’ ଦୁର୍ଗାଙ୍କର୍ ନବରାତ୍ର ପୂଜା ମୁଲ୍ ହେଇଛେ ।

ଶ୍ରୀମନ୍ଦିର୍ -ଦଶ୍‌ରା ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ମା ବିମଳାଙ୍କର୍ ବିଶ୍ରାମ୍ ପୂଜା । ଆଏବା କାଏଲ୍ ଶ୍ରୀମନ୍ଦିର୍ ନ ଦଶ୍‌ରା ପୂଜା ହେବା । ଇ ଅବ୍‌ସରେ ରତ୍ନସିଂହାସନ୍‌ଥି ମହାପ୍ରଭୁଙ୍କର୍ ସୁନାବେଶ ଅନୁଷ୍ଠିତ୍ ହେବା । ଶ୍ରୀ ମଦନ୍‌ମୋହନ୍, ଶ୍ରୀରାମ, ଶ୍ରୀକୃଷ୍ଣ ବୀରବେଶ ଧାରଣ୍ କରିକରି ଶ୍ରୀଜଗନ୍ନାଥ୍ ବଲ୍ଲଭ ମଠର ମହାଖଳାକେ ବିଜେ କର୍‌ବେ । ଇତାର୍‌ସହେତେ ରଥ ନ ଦୁର୍ଗାମାଧବ ବିଜେ ହେବେ । ଦଶ୍‌ହରା ନୀତି ସର୍‌ବାର୍ ଉତ୍‌ରୁ ମାହାପୁରୁ ଶ୍ରୀମନ୍ଦିର୍ ଫିର୍‌ବେ । ଭକ୍ତମାନେ ଶ୍ରୀବିଗ୍ରହଙ୍କର୍ ସୁନାବେଶ ସହେତେ ଦଶ୍‌ରା ନୀତି ଦେଖିବାର୍ ସୌଭାଗ୍ୟ ପାଏବେ ।

ମୁଖ୍ୟମନ୍ତ୍ରୀ-କେନ୍ଦୁଝର୍ ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ୩ ଦିନିଆ କେନ୍ଦୁଝର୍ ଜିଲ୍ଲା ଗସ୍ତ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେ ଆଏଜ୍ ପହେଲା ରାଇସୁଆଁ ନ ପହଁଚିଲା ଉତ୍‌ରୁ ବାମ୍ପାର୍ ସାଇମନ୍ଦିର୍ ଆଉ ନ୍ୟୁକଲୋନୀ ଦୁର୍ଗାପୂଜା ମଣ୍ଡପ୍ ଆର୍ କେତେଟା ଦୁର୍ଗାପୂଜା ମଣ୍ଡପ୍ ନ ଦର୍ଶନ୍ କର୍‌ବେ । ଆଏବା କାଏଲ୍ ଭିଲ୍ ସେ ପୂଜା ମଣ୍ଡପ୍ ମାନ୍‌କୁ ଯିବେ ବଲି ଜନାପଡ଼ିଛେ ।

ଶିକ୍ଷାର୍ଥୀ ନିଯୁକ୍ତି- ୟୁଜିସି ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶ୍ୱବିଦ୍ୟାଲୟ ଆର୍ କଲେଜ୍ ନ ଆପ୍ରେଂଟିସିପ୍ ଏମ୍ବଡ୍ ଡିଗ୍ରୀ ପ୍ରୋଗ୍ରାମ୍- ଏଇଡିପି ମୁଲ୍ ହେବା । ପାଠ୍‌ପଢ଼ା ସହେତେ ଛାତ୍ରଛାତ୍ରୀମାନ୍‌କୁ ନିଯୁକ୍ତିକ୍ଷମ କର୍‌ବାର୍ ଲକ୍ଷ୍ୟ ନେଇକରି ଏଇଡ଼ିପି କାର୍ଯ୍ୟକ୍ରମ୍ ଲାଗି ବିଶ୍ୱବିଦ୍ୟାଲୟ ଅନୁଦାନ୍ ଆୟୋଗ୍ ତର୍‌ଫୁ ମାର୍ଗଦର୍ଶିକା ତିଆର୍ କରାଯାଇଛେ । ଇ ବାବ୍‌ଦେ ସବୁ ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଅବଗତ କରାଯିବା । ଜାନୁଆରୀ - ଫେବୃଆରୀ ଅଧିବେଶନ୍‌ନୁ ଇ ପାଠ୍ୟକ୍ରମ୍ ମୁଲ୍ କର୍‌ବାର୍‌କେ ଯୋଜ୍‌ନା କରାଯାଇଛେ । ୟୁଜିସିର୍ ଅଧ୍ୟକ୍ଷ ଏମ୍. ଜଗଦେଶ୍

କୁମାର୍ ଆୟୋଗ୍‌ର ଗଲା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଥିବାର୍ କହିଛନ୍ ।

ସାହିତ୍ୟ - ନୋବେଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଜାପାନ୍‌ର ସଂଗଠନ୍ "ନିହୋନ୍ ହିଦାନ୍‌କ୍ୟୋ"ଙ୍କୁ ଶାନ୍ତି ଲାଗି ଇ ବଛରର୍ ସମ୍ମାନ୍ ଜନକ୍ ନୋବେଲ୍ ପୁରସ୍କାର୍ ଦିଆଯିବା । ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ତର୍‌ଫୁ ଗଲାକାଏଲ୍ ଇ ଘୋଷ୍‌ନା କରାଯାଇଛେ । ପରମାଣୁ ଅସ୍ତ୍ର ବିରୋଧ୍ ନ ଅଭିଯାନ୍ ଚଲେଇଥିବାର୍ ଲାଗି ଇ ସଂଗଠନ୍‌କେ ନୋବେଲ୍ ଶାନ୍ତି ପୁରସ୍କାର୍ ଦେବାର୍ ଲାଗି ବଛାଯାଇଛେ । ୨ ନମ୍ବର୍ ବିଶ୍ୱଯୁଦ୍ଧ ନ ହିରୋସିମା ଆର୍ ନାଗାସାକି ନ ପରମାଣୁ ଆକ୍ରମଣ୍‌ନୁ ବର୍ଚି ଯାଇଥିବା ଲୁକେ ଇ ସଂଗଠନ୍‌ଥି ସାମିଲ୍ ହେଇଛନ୍ । ଇମାନ୍‌କୁ ହିରୋ ହିବାକୁସା କୁହାଯାଏସି । ଇମାନେ ସାରା ଦୁନିଆ ନ ନିଜର୍ ଯନ୍ତ୍ରଣା ଆର୍ କଷ୍ଟକର ସ୍ମୃତିକେ 'ନିହୋନ୍ ହିଦାନ୍‌କ୍ୟୋ' ଜରିଏ ବର୍ଣ୍ଣନା କରି ଆସୁଛନ୍ ।

ଡିଜିଟାଲ୍ କାର୍‌ବାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶେ ବିନା ନଗଦିର୍ ଡିଜିଟାଲ୍ ଲେନ୍‌ଦେନ୍ କାର୍‌ବାର୍ ଜବର୍ ବଢ଼ିଛେ ବଲି ୱାର୍ଲ୍ଡ ଲାଇନ୍ ଇଣ୍ଡିଆର୍ ଡିଜିଟାଲ୍ ପେମେଂଟ୍ ରିପୋର୍ଟନୁ ଜନାପଡ଼ିଛେ । ଇ ବଛ୍‌ରର୍ ଜାନୁଆରୀ ନୁ ଜୁନ୍ ମାସ୍ ଭିତ୍‌ରେ ବାହାରିଥିବା ରିପୋର୍ଟ ଅନ୍‌ସାରେ ୟୁନିଫାଏଡ୍ ପେମେଂଟ୍ ଇଂଟର୍‌ଫେସ୍ - ୟୁପିଆଇ ଜରିଏ ଡିଜିଟାଲ୍ ଲେନ୍‌ଦେନ୍ ବଢ଼ିଛେ । ଇଥି ୭ ହଜାର୍ ୮ ଶହ କୋଟିନୁ ଅଏତ୍‌କା କାର୍‌ବାର୍ ହେଇଛେ, ଯେନ୍‌ଟାକି ଆଗର୍ ବଛ୍‌ରର୍‌ନୁ ୫୨ ପ୍ରତିଶତ ଅଏତ୍‌କା ଆଏ ।

ବର୍ଷା ଜଳ ସଂରକ୍ଷଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପାଏନ୍ ସଂରକ୍ଷଣ୍ ଲାଗି ଜନଭାଗିଦାରୀ ପଦକ୍ଷେପ୍ କାର୍ଯ୍ୟକ୍ରମ୍‌ଥି ସବୁ ବିଶ୍ୱବିଦ୍ୟାଳୟ ଆଉ କଲେଜ୍‌କେ ସାମିଲ୍ କରାଯିବା । ଉଚ୍ଚଶିକ୍ଷାନୁଷ୍ଠାନ୍ ପରିସର୍ ନ ବର୍ଷା ପାଏନ୍ ଠୁଲାବାର୍ ଲାଗି ବ୍ୟବସ୍ଥା ଆଉ ଭୂଇଁତଲର୍ ପାଏନ୍ ରିଚାର୍ଜ କରାଯିବା । ଇ ବାବ୍‌ଦେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ୟୁଜିସି ତର୍‌ଫୁ ସବୁ କଲେଜ୍‌ର ଅଧ୍ୟକ୍ଷ ଆର୍ ବିଶ୍ୱବିଦ୍ୟାଳୟର୍ କୁଳପତି ମାନ୍‌କୁ ଚିଠି ଲେଖାଯାଇଛେ । ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନେ ଇ ବାବ୍‌ଦେ ସ୍ୱତନ୍ତ୍ର ରୋଡ୍ ମେପ୍ ତିଆର୍ କର୍‌ବେ । ଗଲା ସେପ୍ଟେମ୍ବର୍ ୬ ତାରିଖେ

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଲ୍ କରିଥିବା ଇ କାର୍ଯ୍ୟକ୍ରମ୍‌କେ ଆହୁରି ଫଏଲା ଯିବା ।

ଯୁକ୍ତ ଦୁଇ ନାଁ ଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଯୁକ୍ତ ଦୁଇ ଶ୍ରେଣୀର୍ ଲାଗି ୩ ନମ୍ବର୍ ଖେପର୍ ନାଁଲେଖା ବାବ୍‌ଦେ ସାମ୍ସ ୱେବ୍‌ସାଇଟ୍‌ଥି ଆଏବା ୨୨ ତାରିଖ୍‌ନୁ ଆବେଦନ୍ କାମ୍ ମୁଲ୍ ହେବା । ୨୭ ତାରିଖ୍‌ତକ୍ ଶିକ୍ଷାର୍ଥୀମାନେ ଇଥି ଆବେଦନ୍ କରିପାର୍‌ବେ । ନଭେମ୍ବର୍ ୧ ତାରିଖ୍ ଦିନ ମେଧା ତାଲିକା ବାହାର୍‌ବା ଆର୍ ବଛାହେଇଥିବା ଛାତ୍ରଛାତ୍ରୀମାନେ ୨ ତାରିଖ ନୁ ୫ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ହେନ୍ତା ୭ ନୁ ୮ ତାରିଖ୍ ଭିତ୍‌ରେ ୱେଟିଂ ଲିଷ୍ଟ୍‌ଥି ଥିବା ଛାତ୍ରଛାତ୍ରୀମାନେ ପଞ୍ଜିକରଣ୍ କରିପାର୍‌ବେ ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ ।

ତମାଖୁ ମୁକ୍ତ ଅଭିଯାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଯୁବ ସମାଜ୍ ଲାଗି ତମାଖୁ ମୁକ୍ତ ଅଭିଯାନ୍ - ଟୁ ପଏଂଟ୍ ଜିରୋ ଚାଲିଛେ । ଗଲାମାସର୍ ୨୪ ତାରିଖ୍‌ନୁ ମୁଲ୍ ହେଇଥିବାର୍ ଇ ଅଭିଯାନ୍ ଆଏବା ମାସର୍ ୨୩ ତାରିଖ୍‌ତକ୍ ଚାଲ୍‌ବା । ସ୍ୱାସ୍ଥ୍ୟ

ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ତମାଖୁ ସେବନ୍‌ନୁ ହେଉଥିବାର୍ ଭିନ୍ ଭିନ୍ ରୋଗ୍ ବାବ୍‌ଦେ ସଚେତନ୍ କରାଯିବାର୍ ସହେତେ ଯୋଗ ଆର୍ ଧ୍ୟାନ୍ ଅଭ୍ୟାସ୍ କର୍‌ବାର୍, ସ୍ୱାସ୍ଥ୍ୟକର ଖାଦ୍ୟ ଖାଏବାର୍ ବାବ୍‌ଦେ ଲୁକ୍‌କୁ ଅବଗତ କରାଯାଉଛେ ।

ମୌସୁମୀ ଫିର୍‌ବା ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାନୁ ଆଏବା ୨ ଦିନେ ମୌସୁମୀ ଫିର୍‌ବା ବଲି ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ପୂଜା ସମିଆଥି ପାଗ୍ ସୁଖା ଆର୍ ମେଘ୍ ନାଇଁଥିବାର୍ ବେଲେ କିଛି ଜାଗା ନ ହାଲ୍‌କା ବର୍ଷା ହେଇଛେ । ଭୁବ୍‌ନେଶ୍ୱର୍ ଆର୍ କଟକ୍ ନ ଭିଲ୍ ବର୍ଷା ହେଇଛେ । ଆଏବା କାଏଲ୍ କେତେଟା ଜାଗା ନ ଟିକେ ରଂଚେ ବର୍ଷା ହେବା ବଲି ବିଭାଗ୍ ତର୍ଫୁ ସୂଚ୍‌ନା ମିଲିଛେ । ରାଜ୍ୟ ନୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଫିର୍‌ବାର୍ ଲାଗି ଇହାଦେ ପାଗ୍ ଅନୁକୂଳ ରହିଥିବାର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।